# Akashvani, Sambalpur

## SAMBALPURI NEWS MORNING BULLETIN

## 31 August 2026 - 6.47- 6.52 am.

---

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ଦେଶର୍ ଭିନ୍ ଭିନ୍ ପ୍ରେରଣାଦାୟୀ ପଦକ୍ଷେପ୍ ଆଉ ବ୍ୟକ୍ତିତ୍ୱ ମାନ୍କର୍ ଉଦାହରଣ୍ ଦେଇକରି ସାମାଜିକ୍ ପରିବର୍ତନ୍‌ଥି ଜନଭାଗିଦାରୀତାର୍ ଗୁରୁତ୍ୱ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୩୭ ନମ୍ବର୍ ସଂସ୍କରଣ୍‌ଥି ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କର୍ ସହେତେ ଜୁଡ଼ିକରି ବିକଶିତ୍ ଭାରତ୍ ଲାଗି ନିଶାମୁକ୍ତ ଯୁବ ଅଭିୟାନ୍‌କେ ଅଏତ୍‌କା ଗତିଶୀଳ କରାବାର୍‌କେ ଆହ୍ୱାନ୍ ଦେଇଛନ୍ । ଡେବ୍ରିଗଡ଼୍ ଅଂଚଲ୍‌ର ଢ଼ର୍‌ରୋକୁସୁମ୍ ଗାଁର୍ ମୈଥିଲି ଭୋଇଙ୍କର୍ ପ୍ରେରଣାଦାୟୀ କାହାଣୀକେ ପ୍ରଧାନ୍‌ମନ୍ତ୍ରୀ ଇଥରର୍ ମନ୍ କି ବାତ୍‌ଥି ସାମିଲ୍ କରିଛନ୍ । ଜଙ୍ଗଲ୍ ସୁରକ୍ଷା ସହେତେ ଜୀବିକାର୍ ନୂଆଁ ଦିଗ ଅପ୍‌ନେଇଥିବା ମୈଥିଲିଙ୍କର୍ ପ୍ରେରଣାଥି ଇହାଦେ ୬୦

ନୁ ଅଏତ୍କା ମହିଲା, ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ୍, ଇକୋ ଟୁରିଜମ୍‌ଥି ସାମିଲ୍ ହେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ପିଏମ୍ ସ୍ୱନିଧି ଯୋଜ୍‌ନାର୍ ଭୂମିକା, ତିହାର୍‌ବାହାର୍ ସମିଆଥି ଭୋକାଲ୍ ଫର୍ ଲୋକାଲ୍ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରିଛନ୍ । ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦିଗ୍‌ଦର୍ଶନ୍‌କେ ଦେଶ୍‌ବାସୀଙ୍କର୍ ଲାଗି ପ୍ରେରଣାର୍ ଅସନ୍ତି ଉସ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ସ୍ୱାୟତ ଶାସନ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ । ଭୁବନେଶ୍ୱର୍ କୃଷି ଶିକ୍ଷା ସଦନ-ଓୟୁଏଟି ଠାନେ ଆଏଜ୍ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ୍ ସମାରୋହ ଆୟୋଜନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ସହରାଂଚଲ୍ ଲାଗି ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରାଯିବା । ମୁଖ୍ୟମନ୍ତ୍ରୀ

ଶହେ ୧୫ ଟା ସଂସ୍ଥା ନ ଓସ୍ୱାନ୍ ଭିଡ଼ିଓ କନ୍ଫରେନ୍ସିଂ ସୁବିଧାର୍ ଶୁଭାରମ୍ଭ କର୍ବେ । ଭିନ୍ ଭିନ୍ ଉନ୍ନତିମୂଲକ୍ ପ୍ରକଳ୍ପ ଲାଗି ଓଡ଼ିଶା ଅର୍ବାନ୍ ଏକାଡେମୀ ସହେତେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । ଓଡ଼ିଶା ଯାତ୍ରୀ ସୁରକ୍ଷା ଆପ୍ ଆଉ ପି.ଏମ୍.ଏ.ୱାଇ. ବନ୍ଧୁ ଯୋଜ୍ନାର୍ ଭିଲ୍ ଇ ଅବ୍ସରେ ଶୁଭାରମ୍ଭ ହେବା ବଲି ଜନାପଡ଼ିଛେ । ଇତାର୍ସହେତେ ଭିନ୍ ଭିନ୍ ପୌରସଂସ୍ଥା, ମୁଖ୍ୟମନ୍ତ୍ରୀ ଜଲସାଥୀ, ସ୍ୱଚ୍ଛସାଥୀ, ସହଯୋଗ୍ ସହାୟକ୍, ଆଉ କ୍ଲୁଟ୍ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ୍ କର୍ବେ ।

‘ସମ୍ବନ୍ଧ’ର ଶୁଭାରମ୍ଭ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ସମବାୟ କ୍ଷେତ୍ରର୍ ସମ୍ପ୍ରସାରଣ୍ ଲକ୍ଷ୍ୟ ନେଇକରି ଆଏବାକାଏଲ୍ ମେଗା ସଦସ୍ୟତା ଅଭିଯାନ୍ ‘ସମ୍ବନ୍ଧ’ର୍ ଶୁଭାରମ୍ଭ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅଭିଯାନ୍ର ଶୁଭାରମ୍ଭ କର୍ବେ । ଇତାର୍ସହେତେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ କେନ୍ଦ୍ରର୍ ଭିଲ୍ ଉଦ୍ଘାଟନ୍ କର୍ବେ । ଗାଁ ଇଲାକାର୍ ସବୁ ପରିବାର୍ନୁ କମ୍ସେକମ୍ ଝନ୍କୁ ସମବାୟ ସଦସ୍ୟ କର୍ବାର୍ ଲକ୍ଷ୍ୟ

ରଖାଯାଇଛେ । ରାଜ୍ୟର୍ ଚାଷୀମାନ୍‌କୁ ଆର୍ଥିକ୍ ଆଉ ସାମାଜିକ୍ ସ୍ତର୍‌ଥି ସଶକ୍ତ କରବାର୍ ଲକ୍ଷ୍ୟ ନେଇକରି ସଦସ୍ୟତା ଅଭିଯାନ୍ 'ସମ୍ବନ୍ଧ' ମୁଲ୍ କରାଯିବା । ଡିଜିଟାଲ୍ ଜରିଏ ସଦସ୍ୟତା ପଞ୍ଜୀକରଣ୍‌କେ ସହଜ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ନୂଆଁ ମୋବାଇଲ୍ ଆପ୍ଲିକେଶନ୍‌ର ଶୁଭାରମ୍ଭ ହେବା ।

ଚାଷୀ ପଞ୍ଜୀକରଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚାଷୀ ପଞ୍ଜୀକରଣ୍ ସମିଆକେ ସର୍‌କାର୍ ଆଉ ୭ ଦିନ୍ ବଢ଼େଇଛନ୍ । ଇ ବାବ୍‌ଦେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚ୍‌ନା ଦେଇଛନ୍ । ପଞ୍ଜୀକରଣ୍ ସମିଆ ଆଏଜ୍ ଶେଷ୍ ହେଉଥିବାର୍ ବେଲେ ଇଟା ଆଉ ୭ ଦିନ୍ ବଢ଼ିଛେ । ନେଟ୍‌ୱର୍କ ସମସ୍ୟା ଲାଗି ବହୁତ୍ ଚାଷୀ ପଞ୍ଜୀକରଣ୍ କର୍‌ବାର୍‌କେ ଅସୁବିଧାର୍ ସମ୍ମୁଖୀନ୍ ହେଉଥିଲେ । ଏଛେନ୍‌ତକ୍ ୧୭ ଲାଖ୍ ନୁ ଅଏତ୍‌କା ଚାଷୀ ପଞ୍ଜୀକରଣ୍ କରିଛନ୍ ।

ସଂସଦୀୟ ଯୁଗ୍ମ କମିଟି ଗସ୍ତ ଆଇ ଆଣ୍ଡ୍ ପି.ଆର୍

ଦର୍ମା ଆଉ ଭତା ବାବଦ୍ ସଂସଦୀୟ ଯୁଗ୍ମ କମିଟି ଭୁବ୍ନେଶ୍ୱର୍ ଗସ୍ତ ନ ଆସିକରି ରାଜ୍ୟ ବିଧାନ୍ସଭା ସଦସ୍ୟମାନ୍କର୍ ଦର୍ମା ଆଉ ଅଲ୍ଗା ଭତା ବାବ୍ଦେ ଆଲୋଚନା କରିଛନ୍ । ସାଂସଦ୍ ବୀରେନ୍ଦ୍ର ପ୍ରସାଦ୍ ବୈଶ୍ୟଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ କମିଟି ବାଚସ୍ପତି ସୁରମା ପାଢ଼ୀ, ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ବିଧାନ୍ସଭାର୍ ସଚିବ ଆଉ ଅଲ୍ଗା ଅଧିକାରୀମାନ୍କର୍ ସହେତେ ଆଲୋଚନା କରିଛନ୍ । ଆଘର୍ ବିଧାୟକ୍ ମାନ୍କର୍ ପେନ୍ସନ୍ ଆଉ ଭତା ମାନ୍କର୍ ବାବ୍ଦେ ଭିଲ୍ ଆଲୋଚନା ହେଇଛେ । ବୈଠକ୍ଥି ଅଲ୍ଗା ରାଜ୍ୟର୍ ବିଧାୟକ୍ମାନ୍କର୍ ଦର୍ମା ଆଉ ଆନୁସଙ୍ଗିକ ଭତା ବାବଦ୍ ବିବରଣୀ ଉପସ୍ଥାପନ୍ କରାଯାଇଥିଲା ।

ଶ୍ରୀମନ୍ଦିର ଗଣତି ମଣତି ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର ନ ଆଏଜ୍ ଆଉ ଆଏବା କାଏଲ୍ ରତ୍ନଭଣ୍ଡାରର୍ ଗଣତି ମଣତି କରାଯିବା । ରାଜ୍ୟ ସରକାରଙ୍କର୍ ତର୍ଫୁ

ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ଇ ଗଣତି ମଣତି କରାଯିବା । ଇଥିର୍‌ଲାଗି ଉପର୍‌ବେଲା ୪ ବଜେନୁ ସନ୍ଧ୍ୟାଧୂପ ଶେଷ୍ ହେବାର୍‌ତକ୍ ଭିତରକାଠ ଦର୍ଶନ୍ ବନ୍ଦ୍ ରହେବା । ସୂଚ୍‌ନା ଅନ୍‌ସାରେ ଗଲା ୨୦୨୫ ମସିହା ମାର୍ଚ୍ଚ ୨୫ ତାରିଖ୍‌ନୁ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ଥିବା ଅଲଙ୍କାର୍ ଆଉ ମୂଲ୍ୟବାନ୍ ସାମଗ୍ରୀର୍ ଗନ୍‌ତି କାମ୍ ମୁଲ୍ ହେଇଥିଲା । ଆଘୋନୁ ଯେତେଥର୍ ଗଣ୍‌ତି ମଣ୍‌ତି ହେଇଛେ ସେଟା ୧୯୭୮ ମସିହା ତାଲିକା ସହେତେ ମେଲ୍ ହେଇଥିବା ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ସ୍କ୍ରବ୍ ଟାଇଫସ        ଦେବ୍‌ଗଡ୍ ସମ୍ବାଦଦାତା

ଅନୁଗୁଲ୍ ଜିଲ୍ଲା ପାଲ୍‌ଲହଡ଼ା ନ ୨ ଦିନ୍ ଭିତ୍‌ରେ ୧୯ ଝନ୍ ସ୍କ୍ରବ୍ ଟାଇଫସ୍‌ଥି ସଂକ୍ରମିତ୍ ହେଇଥିବାର୍ ଜନାପଡ଼ିଛେ । ଗଲାକାଏଲ୍‌ତକ୍ ୪୩ ଟା ନମୁନା ଭିତ୍‌ରୁ ୧୨ ଟା ନମୁନା ପଜିଟିଭ୍ ବାହାରିଛେ । ଆଘୋନୁ ଅଲ୍‌ଗା ୭ ଝନ୍ ସ୍କ୍ରବ୍ ଟାଇଫସ୍‌ଥି ଆକ୍ରନ୍ତ ହେଇକରି ଝନ୍‌କର୍ ଜୀବନ୍ ଯାଇଥିବା ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରି ଥିବା ପଶ୍ଚିମବଙ୍ଗ୍, ବାଂଲାଦେଶ୍ ସମୁଦ୍ରଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ବର୍‌ଗଡ୍ ଜିଲ୍ଲାର୍ ଗୁଟେ କି ଜୁଡ଼େ ଜାଗା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆଥି କେନ୍ଦୁଝର୍, ଅନୁଗୁଲ୍ ସହେତେ ପଶ୍ଚିମ ଓଡ଼ିଶାର୍ ସବୁ ଜିଲ୍ଲା ନ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୨୫ ଦଶ୍‌ମିକ୍ ୧/୨ ଫୁଟ୍ ରହିଥିଲା । ଇହାଦେ ୮ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୧ ଲାଖ୍ ୬୩ ହଜାର୍ ୫ ଶହ ୪୬ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ସମାନ୍ ପରିମାଣ୍‌ରେ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।